Total No. of Printed Pages : **16** Roll No. :

SET – D

602 R / E

(Regular / Ex-Regular)

MIL (ODIA)

SCIENCE

(For students registered in 2021 & 2022)

2024(A)

MODERN INDIAN LANGUAGE (ODIA)

SCIENCE

Full Marks : 100

Time : 3 hours

Candidates are required to give their answers in their own words as far as practicable.
ପରୀକ୍ଷାର୍ଥୀ ଯଥା ସମ୍ଭବ ନିଜ ଭାଷାରେ ଉତ୍ତର ଲେଖିବା ଆବଶ୍ୟକ ।

The figures in the right-hand margin indicate marks.
ଦକ୍ଷିଣ-ପାର୍ଶ୍ୱରେ ପ୍ରଦତ୍ତ ସଂଖ୍ୟା ପ୍ରଶ୍ନର ମୂଲ୍ୟ ସୂଚିତ କରେ ।

*Answer **all** questions.*
***ସମସ୍ତ** ପ୍ରଶ୍ନର ଉତ୍ତର ଦିଅ ।*

https://www.odishaboard.com

୧. ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫ = ୫

(କ) ବନବାସୀ ନାରୀମାନଙ୍କ ଗତିକୁ ପ୍ରାବନ୍ଧିକ କାହା ସହିତ ତୁଳନା କରିଛନ୍ତି ?

(i) ମାତଙ୍ଗିନୀ

(ii) ନିର୍ଝରିଣୀ

(iii) ହରିଣୀ

(iv) କୁଜିହଂସୀ

(ଖ) କେଉଁ ରାଷ୍ଟ୍ର ବିପ୍ଳବ କଥା ସ୍ମରଣ କଲେ ଆମର ହୃତ୍‌କମ୍ପ ହୁଏ ?

(i) ସିପାହୀ ବିଦ୍ରୋହ

(ii) ଫରାସୀ ରାଷ୍ଟ୍ରବିପ୍ଳବ

(iii) ଅସହଯୋଗ ଆନ୍ଦୋଳନ

(iv) ଭୂଦାନ ଆନ୍ଦୋଳନ

(ଗ) କାହାକୁ ଦେଖି ଗୋସେଇଁଙ୍କ ଦେହରୁ ଗମ୍‌ଗମ୍ ଝାଳ ବୋହିଗଲା ?

(i) ଅଗାଧୁ

(ii) ସାଧୁ

(iii) ପାଣୁ

(iv) ଗାଧୁ

(ଘ) ଉତ୍କଳର ଉତ୍ତମାଙ୍ଗ ବୋଲି ପ୍ରାବନ୍ଧିକ କାହାକୁ କହିଛନ୍ତି ?

(i) କଟକ

https://www.odishaboard.com

www.careering

(ii) ସମ୍ବଲପୁର

(iii) ଗଂଜାମ

(iv) ଭୁବନେଶ୍ୱର

(ଡ) ବ୍ରିଟିଶ୍‌ମାନେ କାହାକୁ ତୋପ କରି ଦେଖାଇ ଜାପାନୀ ଶତ୍ରୁକୁ ଏ ଦେଶରୁ ଘଉଡ଼ାଉ ଥିଲେ ?

(i) ଗୁଆ ଗଛ

(ii) ଶାଳ ଗଛ

(iii) ନଡ଼ିଆ ଗଛ

(iv) ତାଳ ଗଛ

୨. ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଲେଖ : ୧×୩ = ୩

(କ) ନୋଟ୍‌ବହି ପଢ଼ିବା ଲୋକ କେଉଁ ପୁସ୍ତକ ଲେଖିବାକୁ ଅସମର୍ଥ ?

(ଖ) ମନ୍ଦିର ଗୃହରେ ଖୋଦିତ ମୂର୍ତ୍ତି ଓ ଫଳକାଦିରେ ଦେଶର କେଉଁକଥା ଲେଖାହୋଇ ରହିଅଛି ?

(ଗ) କିଏ ମଦାଳସା ହୋଇ ମାତଙ୍ଗିନୀ ପରି ଚାଲନ୍ତି ନାହିଁ ?

(ଘ) ଗଣତନ୍ତ୍ରରେ କେଉଁମାନେ ସିଧାସଳଖ ଶାସନ କରିବାର ଅଧିକାର ପାଇଥାଆନ୍ତି ?

୩. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଲେଖ : ୨×୨ = ୪

(କ) ଗୋସେଇଁ ଜାହ୍ନିକି ଛେଳିକୁ ବୋହି ନେଇ ଯାଉଥିଲେ ?

https://www.odishaboard.com

(ଖ) ମନୁଷ୍ୟତ୍ୱର ବିଶେଷ ଲକ୍ଷଣ କ'ଣ ?

(ଗ) ସଭ୍ୟ ସମାଜ କ'ଣ ଶିଖିବା ପାଇଁ ବନବାସୀମାନଙ୍କ ପାଖକୁ ଆସିବ ବୋଲି କୁହାଯାଇଛି ?

୪. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେକୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଲେଖ : ୩×୧ = ୩

(କ) ଭାରତବର୍ଷରେ କୌଣସି କାର୍ଯ୍ୟ କରିବା ପାଇଁ କାହିଁକି ବିଶେଷଜ୍ଞ ମାନଙ୍କର ବିଶେଷ ଉତ୍ସାହ କିମ୍ବା ଆଗ୍ରହ ନଥାଏ ?

(ଖ) 'ଉତ୍କଳ କମଳର କେଶର' — ବୋଲି କାହାକୁ, କେଉଁଥି ପାଇଁ କୁହାଯାଇଛି ?

୫. ପ୍ରାୟ ୧୫୦ଟି ଶବ୍ଦରେ ଉତ୍ତର ଲେଖିବା ଆବଶ୍ୟକ : ୫

'ତିନିଦୁଣ୍ଡରେ' ପ୍ରବନ୍ଧଟିର ବକ୍ତବ୍ୟ ବିଚାର କର ।

ଅଥବା

'ପୁଷ୍ପପୁରରେ ବର୍ଷାବରଣ' ପ୍ରବନ୍ଧରେ ଉତ୍କଳର ଭୌଗୋଳିକ ଚିତ୍ରମାନ କିପରି ବର୍ଣ୍ଣିତ ହୋଇଅଛି, ଦର୍ଶାଅ ।

୬. ପ୍ରତ୍ୟେକ ପ୍ରଶ୍ନର **ଚାରୋଟି** ଉତ୍ତର ଦିଆଯାଇଛି । ଠିକ୍ ଉତ୍ତରଟି ବାଛି ଲେଖ : ୧×୫ = ୫

(କ) ଦରବାରୀ ରାଜାମାନେ ପ୍ରଜାମାନଙ୍କୁ କିପରି ଭୟଭୀତ କରୁଥିଲେ ?

(i) କର ଆଦାୟ କରି

(ii) ବିଦେଶୀ ବନ୍ଧୁକ ଦେଖାଇ

(iii) ବେତମାଡ଼ ଦେଇ

(iv) ବନ୍ଦୀ କରି

https://www.odishaboard.com

www.careering

(ଖ) 'ନାନାରଙ୍ଗେ ଚନ୍ଦ୍ର ଆତପେ ଆଲୋଡିତ ଅମ୍ବର' — ଏଠାରେ 'ଅମ୍ବର'ର ଅର୍ଥ କ'ଣ ?

(ଗ) ପିଙ୍ଗଳା କେଉଁ ନଗରର ନଟୀଥିଲା ?

(i) ଉଜ୍ଜୟିନୀ

(ii) ବିଦେହ

(iii) କୋଶଳ

(iv) ଅବନ୍ତୀ

(ଘ) ଶତାବ୍ଦୀର ସିଂହଦ୍ୱାରରୁ ଭବିଷ୍ୟତର ବାର୍ତ୍ତା କିଏ ଆଣିଛି ?

(i) ମେଘ

(ii) ଡାକବାଲା

(iii) ପାରା

(iv) ଦୂତ

(ଙ) 'ନବବାମା' ବୋଲି କବି କାହାକୁ କହିଛନ୍ତି ?

(i) ସୁନାର ସୀତା

(ii) ରୁକ୍ମିଣୀ

(iii) ସୀତା

(iv) ନବ ବିବାହିତା ଦ୍ୱିତୀୟା ପତ୍ନୀ

୬. **ଗୋଟିଏ** ଲେଖାଏଁ ବାକ୍ୟରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଲେଖ : ୧×୩ = ୩

(କ) ଗୋପବନ୍ଧୁ ବନ୍ଦୀଶାଳାରେ ଚାବି ନଦେବା ପାଇଁ ସିପାହୀକୁ କାହିଁକି ଅନୁରୋଧ କରିଥିଲେ ?

https://www.odishaboard.com

(ଖ) ପିଙ୍ଗଳାର ପଙ୍କିଳ ଜୀବନରେ କ'ଣ ଫୁଟିଛି ବୋଲି କୁହାଯାଇଛି ?

(ଗ) ଆଡିର ରାଇଧର୍ମ କିପରି ବୋଲି କୁହାଯାଇଛି ?

(ଘ) 'କୀଟ ସମ ହୁଅ ନିକ୍ଷେପିତ' — କାହା ପ୍ରସଂଗରେ ଏକଥା ବର୍ଣ୍ଣିତ ହୋଇଅଛି ?

୮. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଲେଖ : ୨×୨ = ୪

(କ) 'ରିକ୍ତ ଏ ମୋର ଶୁକ୍ତି ଗରଭେ ଫଳିଛି ମୁକ୍ତାଫଳ' — ଏ କଥା କିଏ, କେଉଁ ଉଦ୍ଦେଶ୍ୟରେ କହିଛି ?

(ଖ) କାହାକୁ କବି ମହାଧର୍ମ ଆଖ୍ୟା ଦେଇଛନ୍ତି ?

(ଗ) 'ନ ଜାଣନ୍ତି ଜନ୍ମକାଳୁ ପିତୃ ଅନୁରାଗ' — କାହା ପ୍ରସଂଗରେ ଏକଥା କୁହାଯାଇଛି ?

୯. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେକୌଣସି **ଗୋଟିକର** ଉତ୍ତର ଲେଖ : ୩×୧ = ୩

(କ) କାଳ କାହିଁକି ଚୁର ଅଟେ ?

(ଖ) ଯମଦୂତ ବୋଲି କବି କାହାକୁ କହିଛନ୍ତି ?

୧୦. ପ୍ରାୟ **୧୫୦**ଟି ଶବ୍ଦରେ **ଗୋଟିକର** ଉତ୍ତର ଲେଖ : ୫×୧ = ୫

(କ) 'ବାର୍ତ୍ତା' କବିତାର ଭାବାଦର୍ଶ ପ୍ରତିପାଦନ କର ।

(ଖ) 'ବଡ଼ପଣ' କବିତାରେ କବିଙ୍କର ଜୀବନ ଦୃଷ୍ଟି କିପରି ପ୍ରତିଫଳିତ ହୋଇଅଛି, ଆଲୋଚନା କର ।

https://www.odishaboard.com

www.careering

୧୧. ପ୍ରତ୍ୟେକ ପ୍ରଶ୍ନ ପାଇଁ **ଚାରୋଟି** ଉତ୍ତର ଦିଆଯାଇଛି । ତନ୍ମଧ୍ୟରୁ ଠିକ୍ ଉତ୍ତରଟି ବାଛି ଲେଖ : ୧×୫ = ୫

(କ) ମାଷ୍ଟରଜୀଙ୍କ ନାସିକା କେଉଁପରିଥିଲା ବୋଲି କୁହାଯାଇଛି ?

(i) ଚିଲଚଞ୍ଚୁ ପରି

(ii) ଶୁକଚଞ୍ଚୁ ପରି

(iii) ପିକଚଞ୍ଚୁ ପରି

(iv) କାକଚଞ୍ଚୁ ପରି

(ଖ) କେଉଁ ହୁକାରେ ବାବୁ ବଳରାମ ଗୁଡ଼ାଖୁ ପିଅନ୍ତି ?

(i) ସୁନା ବନ୍ଧା

(ii) ରୁପା ବନ୍ଧା

(iii) ପିତଳ ବନ୍ଧା

(iv) ତମ୍ବା ବନ୍ଧା

(ଗ) ହଂସମାନେ ବିଶ୍ୱାସଘାତକ ବୋଲି କିଏ କହିଛି ?

(i) ଘରଚଟିଆ

(ii) ବତାସୀ

(iii) ଚିଲ

(iv) ବକ

(ଘ) ନୌକାର ପାଲ କେତେ ଫଣା ବାସୁକୀ ପରି ନଇଁଯାଇ ଉପରକୁ ଉଠିଯାଏ ବୋଲି କୁହାଯାଇଛି ?

(i) ଶତଫଣା

(ii) ସହସ୍ରଫଣା

(iii) ସପ୍ତଫଣା

(iv) ସହସ୍ରାଧିକ ଫଣା

(ଙ) କେଉଁ ବିପ୍ଳବ ପରେ ଭାରତୀୟ ଜାତୀୟ ଆନ୍ଦୋଳନରେ ଏକ ନୂତନ ସ୍ପନ୍ଦନ ଦେଖାଦେଇଥିଲା ?

(i) ସାବରମତୀ

(ii) ୱାର୍ଧା

(iii) ଚଉରୀ ଚଉରା

(iv) ଜାଲିଆନାୱାଲାବାଗ୍

୧୨. ଗୋଟିଏ ଲେଖାଏଁ ବାକ୍ୟରେ ଯେକୌଣସି **ତିନୋଟି** ପ୍ରଶ୍ନର ଉତ୍ତର ଲେଖ : ୧×୩ = ୩

(କ) କେଉଁଥିରେ ମାଷ୍ଟରଜୀଙ୍କ ଅସାଧାରଣ ଦକ୍ଷତା ଥିଲା ?

(ଖ) ଗୋଖରସାପ ଖେଳେଇବା ସହ କେଉଁ କାରବାର ସମାନ ?

(ଗ) କେଉଁ ପତାକା ଏଠି ଉଡ଼ିପାରିବ ନାହିଁ ବୋଲି ବିଜୁ ଜେଜେଙ୍କୁ କହିଥିଲା ?

(ଘ) କେଉଁ ମାନଙ୍କୁ ସମ୍ଭ୍ରାନ୍ତ ପକ୍ଷୀ ବୋଲି କୁହାଯାଇଛି ?

୧୩. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ଦୁଇଟି ଲେଖାଏଁ ବାକ୍ୟରେ ଯେକୌଣସି **ଦୁଇଟି** ପ୍ରଶ୍ନର ଉତ୍ତର ଲେଖ : ୨×୨ = ୪

(କ) କୁକୁଡ଼ା ଡାକ ଆଗରୁ ଗଦିଆନ ଧାର୍ମିକ ହିନ୍ଦୁ ମହାଜନମାନେ କ'ଣ କରିଥାନ୍ତି ?

https://www.odishaboard.com

https://www.odishaboard.com
www.careering

(ଖ) ସମୟ ସମୟରେ କମ୍ପ୍ରଗ୍ରୀବ ଉଠିଯାଇ କ'ଣ କରେ ?

(ଗ) ପଚିଶବର୍ଷ ଧରି ରାୟବାହାଦୁର ନିଜକୁ କ'ଣ ସାନ୍ତ୍ୱନା ଦେଉଆସିଛନ୍ତି ?

୧୪. ଲେଖା ଓ ଲେଖକଙ୍କ ନାମୋଲ୍ଲେଖ ସହ ୩୦ ଶବ୍ଦରେ ଯେକୌଣସି **ଗୋଟିକର** ଉତ୍ତର ଲେଖ : ୩×୧ = ୩

(କ) ଅରୁଣକୁ ରାୟବାହାଦୁର କାହିଁକି ଚାବୁକରେ ପ୍ରହାର କରିଥିଲେ ?

(ଖ) ମାଷ୍ଟରଜୀ ରିକ୍‌ସା ଟାଣିଲେ କାହିଁକି ?

୧୫. ପ୍ରାୟ **୧୫୦** ଶବ୍ଦରେ **ଗୋଟିକର** ଉତ୍ତର ଲେଖ : ୫×୧ = ୫

(କ) 'ମନୋଜ ଦାସ'ଙ୍କ 'ଆକାଶ କଇଁଚ' ଗଳ୍ପର ସାରମର୍ମ ଲେଖ ।

(ଖ) 'ସଭ୍ୟ ଜମିଦାର' ଗଳ୍ପରୁ ଇଂରାଜୀ ଶିକ୍ଷାର କୁପରିଣତି ଉପରେ ଆଲୋକପାତ କର ।

୧୬. ନିମ୍ନ ଅନୁଚ୍ଛେଦଟି ପାଠ କରି ତା'ତଳେ ଥିବା ପ୍ରଶ୍ନାବଳୀର ଉତ୍ତର ଲେଖ :

''ମନୁଷ୍ୟ ମାତ୍ରଙ୍କେ ସମସ୍ତଙ୍କର ଲକ୍ଷ୍ୟ ଉନ୍ନତି । ଜ୍ଞାନ-ଧର୍ମରେ ନିରନ୍ତର ଅଗ୍ରସର ହେବା ଜୀବନର ଶ୍ରେଷ୍ଠ ଉଦ୍ଦେଶ୍ୟ । ସମାଜ ଯେତିକି ଏହି ଉଦ୍ଦେଶ୍ୟ ସାଧନରେ ଅନୁକୂଳ ହୁଏ, ତେତିକି ଏହା ଆମ୍ଭମାନଙ୍କର ଉପଯୋଗୀ । ଏହା ଗୋଟିଏ ବୃହତ୍ ପରିବାରସ୍ଥ ବ୍ୟକ୍ତି ଗଣଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ଓ ଜ୍ଞାନଧର୍ମର ଉନ୍ନତି ନିମିତ୍ତ ପ୍ରତ୍ୟେକ ପ୍ରତ୍ୟେକଙ୍କ ନିକଟରେ ଦାୟୀ ଓ ପ୍ରତ୍ୟେକଙ୍କ ହୃଦୟରେ ଏହି ଦାୟିତ୍ୱବୋଧ ନ ଜନ୍ମିଲେ ଗୃହ କଦାଚ ସୁଖର ସ୍ଥାନ ହୋଇ ନପାରେ ।

https://www.odishaboard.com

ସେହିପରି ସମାଜର ମଙ୍ଗଳ ସାଧନ ନିମିତ୍ତ ଆମ୍ଭେମାନେ ପ୍ରତ୍ୟେକେ ଦାୟୀ । ନିଜେ ଉନ୍ନତି ଓ ସତ୍ ହୋଇ ଅନ୍ୟକୁ ଉନ୍ନତ ଓ ସତ୍ କରିବାକୁ ଆପଣାର ଶକ୍ତି ସାମର୍ଥ୍ୟ ନିୟୋଜିତ କରିବା ସମସ୍ତଙ୍କର କର୍ତ୍ତବ୍ୟ ।

ଜ୍ଞାନୋନ୍ନତିର ଏକମାତ୍ର ଉପାୟ ଶିକ୍ଷା । ଶିକ୍ଷା ଅଭାବରେ ମନୁଷ୍ୟ ଅନ୍ଧ, ମନୁଷ୍ୟ ପଶୁ । କି ପୁରୁଷ, କି ରମଣୀ, କି ଧନୀ, କି ଦରିଦ୍ର ସମସ୍ତଙ୍କ ପକ୍ଷରେ ଶିକ୍ଷା ଅବଶ୍ୟ ଲଭ୍ୟ । ଅବସ୍ଥାଭେଦ ହେତୁରୁ ସମସ୍ତଙ୍କ ପକ୍ଷରେ ସମାନ ଶିକ୍ଷା ସମ୍ଭବପର ହୋଇ ନପାରେ । ଯେଉଁମାନଙ୍କର ସଙ୍ଗତି ଓ ସୁଯୋଗ ଅଛି । ସେମାନେ ଉଚ୍ଚଶ୍ରେଣୀର କାବ୍ୟ, ଦର୍ଶନ, ବିଜ୍ଞାନ, ଜ୍ୟୋତିଷର ଆଲୋଚନାରେ ଜୀବନ ଉତ୍ସର୍ଗ କରି କୃତାର୍ଥ ହୁଅନ୍ତୁ ଓ ସମାଜକୁ କୃତାର୍ଥ କରନ୍ତୁ; କିନ୍ତୁ ସଂସାରରେ ସମସ୍ତଙ୍କ ଭାଗ୍ୟରେ କି ତାହା ଘଟିପାରେ ? ପୃଥିବୀର ବାରଅଣା ଲୋକ ଉଦର ଜ୍ୱାଳାରେ ଓ ପରିବାର ପ୍ରତିପାଳନ ଚିନ୍ତାରେ ଅସ୍ଥିର, ଜ୍ଞାନ ବିଜ୍ଞାନ ଚର୍ଚ୍ଚାରେ ଜୀବନ ଦେବେ କିପରି ? ତାହା ବୋଲି ଶିକ୍ଷାଦ୍ୱାର ସେମାନଙ୍କ ପକ୍ଷରେ ଏକାବେଳକେ ରୁଦ୍ଧ, ଏକଥା ବୋଲିବା ଅସଂଗତ । ମନୁଷ୍ୟର ଅବଶ୍ୟ ଜ୍ଞାତବ୍ୟ କେତେଗୁଡ଼ିଏ ସାଧାରଣ ବିଷୟ ଅଛି, ତାହାଯେପରି ସମସ୍ତେ ଲାଭ କରିପାରନ୍ତି, ସେଥିପ୍ରତି ଦୃଷ୍ଟି ରଖିବା ସର୍ବତୋଭାବେ ବିଧେୟ । ଇତିହାସ, ଭୂଗୋଳ, ଗଣିତ, ବିଜ୍ଞାନ ପ୍ରଭୃତିରେ ସାଧାରଣ ଜ୍ଞାନ ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ପ୍ରୟୋଜନୀୟ । ପରନ୍ତୁ ଧର୍ମସମ୍ବନ୍ଧୀୟ ଓ ନୀତି ବିଷୟକ ପୁସ୍ତକ ଓ ସୁରୁଚି ସଂପନ୍ନ କାବ୍ୟ ଉପନ୍ୟାସାଦି ପାଠ ନକଲେ ହୃଦୟ ଉନ୍ନତ ହୁଏ ନାହିଁ; ରୁଚି ମାର୍ଜିତ ହୁଏ ନାହିଁ ଓ ଭାବ ବିକଶିତ ହୁଏ ନାହିଁ । ସୁତରାଂ, ଏଗୁଡ଼ିକ ମଧ୍ୟ ଅତ୍ୟାବଶ୍ୟକ । ଜନସାଧାରଣଙ୍କ ପକ୍ଷରେ ଏହା ଯେ ଅସମ୍ଭବ, ଆମ୍ଭେମାନେ ଏହା ବିଶ୍ୱାସ କରିନପାରୁ ।

https://www.odishaboard.com

www.careering

ଆଗ୍ରହ, ଯତ୍ନ ଓ ସମୟର ନିୟମିତ ବିନିଯୋଗ ଦ୍ୱାରା ସମସ୍ତେ ଏ ଶିକ୍ଷା ଲାଭ କରିପାରନ୍ତି ଓ ଆମରଣ ଉନ୍ନତି ପଥରେ ଅଗ୍ରସର ହୋଇପାରନ୍ତି ।''

ପ୍ରଶ୍ନାବଳୀ :

(କ) **ଗୋଟିଏ** ଲେଖାଏଁ ବାକ୍ୟରେ ଉତ୍ତର ଦିଅ : ୧×୪ = ୪

(i) କେଉଁମାନେ ଶିକ୍ଷାଲାଭ କରିବା ଦରକାର ?

(ii) ଶିକ୍ଷାଲାଭ କଲେ କ'ଣ ହୁଏ ?

(iii) କେଉଁ ବିଷୟରେ ସାଧାରଣଜ୍ଞାନ ରହିବା ଆବଶ୍ୟକ ?

(iv) ସମାଜର ମଙ୍ଗଳ ସାଧନ କାହାର ଦାୟିତ୍ୱ ?

(ଖ) **ଦୁଇଟି** ଲେଖାଏଁ ବାକ୍ୟରେ ଉତ୍ତର ଲେଖ : ୨×୩ = ୬

(i) ଯେଉଁମାନଙ୍କର ସୁଯୋଗ ଥାଏ, ସେମାନେ କି'ପ୍ରକାର ଶିକ୍ଷାଲାଭ କରିପାରନ୍ତି ?

(ii) ହୃଦୟ କିପରି ଉନ୍ନତ ହୁଏ ?

(iii) ପୃଥିବୀର ବାରଅଣାଲୋକ କେଉଁ ଜ୍ୱାଳାରେ ଅସ୍ଥିର ଓ ବିବ୍ରତ ?

https://www.odishaboard.com

୧୭. ନିମ୍ନ କବିତାଟି ପାଠକରି ତା'ତଳେ ଥିବା ପ୍ରଶ୍ନର ଉତ୍ତର **ଗୋଟିଏ** ଲେଖାଏଁ ବାକ୍ୟରେ ଦିଅ : ୧×୫ = ୫

''ଜୀବନ ପାତ୍ର ମୋ ଭରିଛ କେତେମତେ,
ନଦେଲ କିଛି ବୋଲି କହିବିକି ହେ ଆଉ ?
ଜୀବନ ପ୍ରିୟତମ ହରିଛ ମୋ ଭରମ,
ତରଣୀ ମୋର ତବ ସାଗରେ ବହିଯାଉ ।

https://www.odishaboard.com

କୂଳର ଜଳପ୍ରାଣୀ କେତେ ମିଳାଅ ଆଣି,
ନୟନ ପଲକରେ ଲୁଚାଅ ଜାଣିଜାଣି,
ବୃଥା ମୁଁ ଅଭିମାନୀ ହୃଦେ ଧରଇ ଟାଣି,
ମରତ ପ୍ରବାସୀ ମୁଁ ନ ଜାଣି ଆଣେ ଦାଉ । ।୧।
ମାନସ ହଂସ ମୁଁ ମାନସେ ଯିବି ଉଡ଼ି,
ମୋ ଦୋଷେ ପଥହୁଡ଼ି ଭରମେ ଅବିରତ,
ଅଳପ ତୃଷା କ୍ଷୁଧା ଲଭି ତୁମରି ସୁଧା,
ତୃପତ ହେଲା, ଯେବେ ଲୋଡ଼ଇ ଏ ମରତ !
ନିଜ ବାସନା ଜାଲେ ବିକଳ ବିଧୃତ,
ତିମିର ଅଜ୍ଞାନେ ମିଳେ କି ଅମୃତ ?
ଛାଡ଼ିବି ଦୂରେ ଯିବି ପାରାବାରେ ଭାସିବି
ଲଂଘି ହିମଗିରି ଯିବିଗୋ ବେଳ ଥାଉ । ।୨।
ଦେଇଛ ପ୍ରିୟା ପ୍ରାଣେ ଅମର ପ୍ରୀତି ଭରି,
ମୋ ଶିଶୁ କ୍ରନ୍ଦନେ ଅମର ମୋର ଆଶା,
ପ୍ରଭାତ ସନ୍ଧ୍ୟାରେ ଖେଳାଇ ରୂପଡେଉ
ବିକଳ କଣ୍ଠେ ମୋ ଫୁଟାଇଛତ ଭାଷା,
ଗାଇବି ବନ୍ଦୀ ମୋ ଚରଣ ବନ୍ଦନା
ସେ ଲାଗି ଏ ବୀଣାରେ ଦେଇଛ ମୂର୍ଚ୍ଛନା,
ସେ ସୁଖ କରି ହେଳା ଲଗାଇଲି ମୁଁ ଖେଳା
ମିଳନ ମଧୁରାତି ପାହିଲା ଚାହୁଁ ଚାହୁଁ ।
ମିଥ୍ୟା ବିପଣୀରେ ବଣିଜ ମରଣଯେ
ନ ଚେତି ତିଳେ ଯାହା କଲି ମୋ ମଣି ଭାଉ ।୩।

https://www.odishaboard.com

www.careering

× × × × × ×

ଚାଇରେ ଚାଇ ମନ ନିତ୍ୟ ବୃନ୍ଦାବନ
ଦେଖିବୁ ପ୍ରିୟ ରାସ, ଅଦୂରେ ଗୋଲୋକରେ,
ଅଦୂର ପଥେ ଆଜି ମିଳନ ତା'ର ସାଥେ
ବିଜୟ ରଥେ ତୋର ଜୀବନ ଆଲୋକରେ !
ଯାତ୍ରାପଥ ତୋର ପଲକେ ହେବ ଶେଷ,
ଶେଷରେ ସନ୍ଦେହ ସକଳ ତୋର କ୍ଲେଶ,
ଧନ୍ୟ ହେବୁ ଆଜି ପୁଣ୍ୟ ଦରଶନେ,
କ୍ଷୁଣ୍ଣ ସବୁପାପ ଦୁଷ୍କୃତିର ରାହୁ !
ଜୀବନ ଦେବତା ମୋ ଜୀବନ ପଥେ ବିଜେ,
ତରଣୀ ମୋର ତା'ର ସାଗରେ ବହିଯାଉ ।୫।''

(କ) ବାସନା ଜାଲରେ ଛନ୍ଦି ହୋଇ ପଡୁଥିବା ମଣିଷ କ'ଣ ପାଏ ?

(ଖ) କବି ବନ୍ଦୀ ଭାବରେ କ'ଣ କରିବା ପାଇଁ ଇଚ୍ଛା କରିଛନ୍ତି ?

(ଗ) ରାସ ଦେଖିବା ପାଇଁ କେଉଁଠାକୁ ଯିବାକୁ ହେବ ବୋଲି କବି କହିଛନ୍ତି ?

(ଘ) ଦୁଷ୍କୃତିର ରାହୁ କିପରି ଦୂର ହେବ ?

(ଡ) କିଏ କାବ୍ୟ ପୁରୁଷଙ୍କ ଜୀବନ ପାତ୍ରକୁ ପୂର୍ଣ୍ଣ କରିଛନ୍ତି ?

୧୮. ଯେକୌଣସି **ଗୋଟିକର** ଆଧାରରେ ସର୍ଜନାତ୍ମକ ଲିଖନ ପ୍ରସ୍ତୁତ କର : ୫×୧ = ୫

(କ) କଂସାରି ଘରର ପାରା

https://www.odishaboard.com

(ଖ) ତୁଳସୀ ଦୁଇପତ୍ରରୁ ବାସେ

(ଗ) ଅଳ୍ପବିଦ୍ୟା ଭୟଙ୍କରୀ

୧୯. ତୁମ ଅଞ୍ଚଳର ଏକ ଦେବୀ ମନ୍ଦିରରୁ ବଳିପ୍ରଥା ଉଚ୍ଛେଦ ପାଇଁ ଜିଲ୍ଲାପାଳଙ୍କୁ ସାମୂହିକ ଦରଖାସ୍ତ ଲେଖ । ୫

ଅଥବା

ସମାଜରେ ଉତ୍ତମ ମଣିଷ ହେବା ପାଇଁ ନିଜର ସାନ ଭାଇକୁ ପରାମର୍ଶ ଦେଇ ଚିଠି ଲେଖ ।

୨୦. ନିମ୍ନ ଗଦ୍ୟାଂଶକୁ ଏକ-ତୃତୀୟାଂଶ ଶବ୍ଦରେ ପ୍ରକାଶ କର : ୫×୧ = ୫

''ଅସୀମ ପ୍ରତି ମନୁଷ୍ୟର ଆକାଂକ୍ଷା, ତୃଷ୍ଣା, ଶ୍ରଦ୍ଧା ପ୍ରବଳ । ଜାଣିଶୁଣି ବା ନଜାଣି ନଶୁଣି ମନୁଷ୍ୟ ଅସୀମ ଆଡ଼କୁ ଚିର ଆକୃଷ୍ଟ । ଏହି ଆକର୍ଷଣ ବା ଇଚ୍ଛାହିଁ ମନୁଷ୍ୟର ବିଭିନ୍ନ କ୍ରିୟା କଳାପରେ, ବିଭିନ୍ନ ଉଦ୍ୟମର ମୂଳରେ ଥାଏ । ଧର୍ମ ସସୀମ ଠାରୁ ଅସୀମ ପର୍ଯ୍ୟନ୍ତ ମାର୍ଗକୁ ସୁଗମ, ସଂଯତ, ଶୃଙ୍ଖଳିତ କରେ ; କଳା ତାହାର ସୌନ୍ଦର୍ଯ୍ୟରେ ସମ୍ମୋହନ ରୂପ ଦିଏ ବିଜ୍ଞାନ ତାହାର କେତୋଟି ଅଦୃଷ୍ଟ ସଂକେତ ଦିଏ ; ଜୀବନ ତାହାର ପ୍ରତିରୂପ ଚିତ୍ର ଅଂକନ କରେ । ସବୁ ସେହି ଅସୀମର ଦ୍ୟୋତକ, ପ୍ରକାଶକ, ଅସୀମର ଆହ୍ୱାନରେ ସମସ୍ତେ ଚଞ୍ଚଳ, ଅଗ୍ରଗାମୀ ।

ବାସ୍ତବ ସାଂସାରିକ ଜୀବନରେ ମନୁଷ୍ୟର ତୃପ୍ତି ନାହିଁ । ସେ କୌଣସି ଗୋଟିଏ ପଦାର୍ଥ ପାଇବାକୁ ଇଚ୍ଛାକରେ, ତାହା ପାଏ; କିନ୍ତୁ ତହିଁରେ ସେ ସନ୍ତୁଷ୍ଟ ହୁଏ ନାହିଁ । ଆଉ କିଛି ପାଇବାକୁ ପୁଣି ବ୍ୟଗ୍ର, ଅଧୀର ହୋଇଉଠେ । ସେ ଭାବନା କରେ, ଗୋଟିଏ ଅବସ୍ଥାରେ ପହଞ୍ଚିଲେ ସେ ନିତ୍ୟସୁଖ ଲାଭ କରିବ, ସେ ଅବସ୍ଥାରେ

https://www.odishaboard.com

www.careering

ସେ ପହଞ୍ଚେ; କିନ୍ତୁ ଦେଖେ ତହିଁରେ ସୁଖର ସତ୍ତା ନାହିଁ, ତାହା ଯେପରି ଗୋଟିଏ ଚିତ୍ତ ଶୂନ୍ୟତା । ସେ ପୁଣି ଅନ୍ୟ ଅବସ୍ଥାରେ ଉପନୀତ ହେବା ଉପକ୍ରମ କରେ । ଏହିପରି ତାହାର ଲାଗିଥାଏ ଚିର ଅସୁଖ-ଅଶାନ୍ତି ଜନିତ ନିରବଧି ସଂଘର୍ଷ । ଏ ସଂଘର୍ଷର ମୌଳିକ ତଥ୍ୟ ସେ ପ୍ରାୟ ବୁଝେ ନାହିଁ, ଏଣୁ ବିଶେଷ କ୍ଲେଶ ଅନୁଭବ କରେ । ଏହାହିଁ ସଂସାର ମାର୍ଗର ଅଭ୍ୟସ୍ତ ଲକ୍ଷଣ ।''

୨୧. ନିର୍ଦ୍ଦେଶ ଅନୁସାରେ ଉତ୍ତର ଦିଅ : ୨×୫ = ୧୦

(କ) ଯେକୌଣସି **ଦୁଇଟି**କୁ ଏକ ପଦରେ ପ୍ରକାଶ କର :

(i) ଶକ୍ତିର ଉପାସକ

(ii) ଜୀବନ ଥିବା ପର୍ଯ୍ୟନ୍ତ

(iii) ସେବା କରିବାର ଇଚ୍ଛା

(iv) ଯାହା ପୂର୍ବରୁ ଶୁଣାଯାଇ ନଥିଲା

(ଖ) ଯେକୌଣସି **ଦୁଇଯୋଡ଼ା** ସମୋଚ୍ଚାରିତ ଶବ୍ଦର ଅର୍ଥ ପାର୍ଥକ୍ୟ ଦର୍ଶାଅ :

(i) ଆବୃତ, ଆବୃର

(ii) ଦୂତ, ଦ୍ୟୁତ

(iii) ନିତି, ନୀତି

(iv) ଶୁଚି, ସୂଚୀ

(ଗ) ଯେକୌଣସି **ଦୁଇଟି**ର ବିପରୀତାର୍ଥ ବୋଧକ ଶବ୍ଦ ଲେଖ :

(i) କଠିନ

(ii) ଅର୍ବାଚୀନ

(iii) ଅନୁଲୋମ

(iv) ଦୁର୍ବଳ

https://www.odishaboard.com

(ଘ) ଯେକୌଣସି **ଦୁଇଟି**ର ଭ୍ରମ ସଂଶୋଧନ କର :

(i) ଅପରାହ୍ଣ

(ii) ଅକ୍ଷୁର୍ଣ୍ଣ

(iii) ଆଶିର୍ବାଦ

(iv) ସମ୍ମାନୀୟ

(ଙ) ଯେକୌଣସି **ଦୁଇଟି** ରୂଢ଼ିକୁ ବାକ୍ୟରେ ବ୍ୟବହାର କର :

(i) ଅରଣ୍ୟରୋଦନ

(ii) କଟାଘା'ରେ ଚୂନ ଦେବା

(iii) କୁହାମୁଣ୍ଡା କପିଳା

(iv) ତିଳକୁ ତାଳ କରିବା

https://www.odishaboard.com
Whatsapp @ 9300930012
Send your old paper & get 10/-
अपने पुराने पेपर्स भेजे और 10 रुपये पायें,
Paytm or Google Pay से

https://www.odishaboard.com

www.careering